# ଆଇଆଇଟିରେ ଛାତ୍ର ଛାତ୍ରୀଙ୍କୁ ଟୀକାକରଣ




ଜଟଣୀ:20/6(ଶୁଭେନ୍ଦୁ ଶତପଥୀ ) ଭୁବନେଶ୍ୱର ଆଇଆଇଟି ପରିସରରେ କରୋନା  ଛାତ୍ର ଛାତ୍ରୀଙ୍କୁ କୋଭିଡ ଟୀକାଦାନ ଆରମ୍ଭ ହୋଇଥିବା ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର ଭି ରାଜକୁମାର ସୂଚନା ଦେଇଛନ୍ତି । ନଭେମ୍ବର୨୦ତାରିଖରେ କରୋନା ପ୍ରଥମ ଲହରିରେ ଆଇଆଇଟିର ୫ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ । ଦ୍ୱିତୀୟ ଲହରିରେ  ଟ୍ୟାକ୍ସ ଫୋର୍ସ ଉଦ୍ୟମ ଫଳରେ ଆଇଆଇଟି ପରିସର ରୁ କରୋନାକୁ ନିୟନ୍ତ୍ରଣ ଓ ସୁରକ୍ଷା କରିବା ସହ ସଂକ୍ରମଣ ରୁ ଛାତ୍ର ଛାତ୍ରୀ, ଶିକ୍ଷା କର୍ମଚାରୀ ଓ ସେମାନଙ୍କ ପରିବାର ,ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ରକ୍ଷା କରିବା ନିମନ୍ତେ ଖୋର୍ଦ୍ଧା ଓ ଭୁବନେଶ୍ୱରର ଟୀକା କାରଣ କେନ୍ଦ୍ରରେ ଟୀକା କରଣ କରାଯାଇଥିଲା।ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହଯୋଗରୁ ଆଇଆଇଟିରେ ଟୀକାକରଣ ସମ୍ଭବ ହେଲା ଆଇଆଇଟି ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।